# ଏଗ୍ ହାଚିଙ୍ଗ ମେସିନ

ଉପକ୍ରମ:
ଆଧୁନିକ ବୈଜ୍ଞାନିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟ ନେଇ ଆମେ ଏହି ପ୍ରକଳ୍ପରେ ଅଣ୍ଡାରୁ କୃତ୍ରିମ ଉପାୟରେ କୁକୁଡା ଛୁଆ ପ୍ରସ୍ତୁତ କରିବା ପାଇଁ ପ୍ରୟାସ କରିଛୁ । ଏହି ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ବ୍ୟକ୍ତି ମାନଙ୍କୁ କୁକୁଡା ପାଳନ ପାଇଁ ଉତ୍ସାହ ମିଳିବ । ଏହା ଏକ ଭଲ ରୋଜଗାରର ପନ୍ଥା ମଧ୍ୟ ହୋଇ ପାରିବ । ପ୍ରାକୃତିକ ଉପାୟରେ ଗୋଟିଏ ମାଆ କୁକୁଡା ୧୦ ଟିରୁ ୧୫ ଟି ପର୍ଯ୍ୟନ୍ତ ଅଣ୍ଡା ଉପରେ ବସୁଥିବା ବେଳେ ଆମେ ଗଠନ କରିଥିବା ଇନ୍କୁବେଟର ରେ ଆବଶ୍ୟକ ମୁତାବକ ୫୦ ରୁ ୧୦୦ ଟି ପର୍ଯ୍ୟନ୍ତ ଅଣ୍ଡାରୁ କୁକୁଡା ଛୁଆ ପ୍ରସ୍ତୁତ କରିପାରିବା ।



ବ୍ଲକ୍ ଡାଇଗ୍ରାମ:




ଆବଶ୍ୟକୀୟ ଉପକରଣ:
୧- ବିଦ୍ୟୁତ୍ ବଲ୍ବ
୨- ମାଇକ୍ରୋକଣ୍ଟ୍ରୋଲର
୩- ଡି.ଏଚ୍.ଟି.୧୧ ସେନ୍ସର
୪- ରିଲେ
୫- ଏଲ୍.ସି.ଡି

କାର୍ଯ୍ୟପ୍ରଣାଳୀ:
ଏକ ତାପ କୁପରିବାହୀ ବାକ୍ସ ମଧ୍ୟରେ ଧାନ ତୋପା (ଅଗାଡ଼ି)ର ଏକ ଶଯ୍ୟା ପ୍ରସ୍ତୁତ କରାଯାଇଥାଏ । ଏହି ଶଯ୍ୟା ଉଷ୍ମତା ପ୍ରଦାନ କରିବା ସହ ଅଣ୍ଡା ଗୁଡିକୁ ଧାରଣ କରି ରଖେ । ବାକ୍ସ ମଧ୍ୟରେ ଆର୍ଦ୍ରତା ପାଇଁ କେତୋଟି ଜଳ ପୂର୍ଣ୍ଣ ଛୋଟ ପାତ୍ର ରଖାଯାଇଥାଏ । ଭିତରର ତାପମାତ୍ରା ଓ ଆର୍ଦ୍ରତା ମାପିବା ପାଇଁ ଏକ ସେନ୍ସର ବ୍ୟବହାର ହୋଇଥାଏ । ତାପମାତ୍ରାକୁ ୩୭° ସେଲ୍ସିୟସ ଏବଂ ଆର୍ଦ୍ରତାକୁ ୪୫ % ରୁ 60 % ମଧ୍ୟରେ ରଖାଯାଇଥାଏ । ଏକ ବିଦ୍ୟୁତ୍ ବଲ୍ବ କୁ ହିଟର ରୂପେ ନିଯୁକ୍ତ କରାଯାଇଥାଏ । ତାପମାତ୍ରା ୩୭° ସେଲ୍ସିୟସ ରୁ ଅଧିକ ହେଲେ ବିଦ୍ୟୁତ୍ ବଲ୍ବ ଆପଣାଛାଏଁ ବନ୍ଦ ହୋଇଯାଇଥାଏ । ଏହି ତାପମାତ୍ରା ଏବଂ ଆର୍ଦ୍ରତାର ମୂଲ୍ୟକୁ ଡିସ୍ପ୍ଲେ ମାଧ୍ୟମରେ ପ୍ରଦର୍ଶନ କରାଯାଇଥାଏ । ୧୮ ଦିନ ପର୍ଯ୍ୟନ୍ତ ଅଣ୍ଡା ଗୁଡିକୁ ଦିନକୁ ଅତିକମରେ ତିନିଥର ଲେଖାଏଁ ହାତ ସାହାଯ୍ୟରେ ଓଲଟ ପାଲଟ କରାଯାଇଥାଏ । ୧୮ ଦିନ ପରେ ଅଣ୍ଡା ଗୁଡିକୁ ସ୍ଥିର ରହିବାକୁ ଦିଆଯାଏ । ୨୧ ଦିନରେ ଛୁଆ ପ୍ରସ୍ତୁତ ହୋଇଯାଏ ।

ଉପକାରୀତା:
୧- ଏହି କୃତ୍ରିମ ହାଚିଙ୍ଗ ଯନ୍ତ୍ର ମାଧ୍ୟମରେ ଆମେ ୫୦ ରୁ ୧୦୦ ଟି ପର୍ଯ୍ୟନ୍ତ ଅଣ୍ଡାରୁ ଛୁଆ ପ୍ରସ୍ତୁତ କରି ପାରିବା

୨- ଏହା ଦେଶୀ କୁକୁଡା ପାଳନ ଏବଂ ବ୍ୟବସାୟରେ ଗ୍ରାମାଞ୍ଚଳର ଯୁବକଙ୍କୁ ପ୍ରୋତ୍ସାହିତ କରିବ ।